Total No. of Printed Pages : 16 Roll No. :

**SET – A**

**602R**

**(Regular)**

**MIL (ODIA)**

**SCIENCE**

**(As per 2018 Syllabus)**

# 2018(A)

## MODERN INDIAN LANGUAGE (ODIA)

## SCIENCE

*Full Marks : 100*

*Time : 3 hours*

*The figures in the right-hand margin indicate marks.*

*ଦକ୍ଷିଣ-ପାର୍ଶ୍ୱରେ ପ୍ରଦତ୍ତ ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚିତ କରେ ।*

*Answer **all** questions.*

*ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।*

୧. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪ = ୪

(କ) ଆଦର୍ଶ ତୁଳନାରେ ମଣିଷର ଲବ୍ଧ ଉନ୍ନତି ଅତି ________ ।

(i) ବ୍ୟାପକ

(ii) ଅକିଞ୍ଚିତ୍କର

(iii) ଉଚ୍ଚସ୍ତରର

(iv) ନୈରାଶ୍ୟଜନକ

(ଖ) କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର କିଛି ମୂଲ୍ୟ ରହେ ନାହିଁ ?

(i) ବର୍ତ୍ତମାନ

(ii) ଅନନ୍ତ ଅତୀତ

(iii) ଆଧ୍ୟାତ୍ମିକ

(iv) ବୈଷୟିକ

(ଗ) ବନବାସୀମାନେ କାହାଛଡ଼ା ଅନ୍ୟର ଅନୁଗ୍ରହ ଲୋଡ଼ନ୍ତି ନାହିଁ ?

(i) ପର୍ବତ

(ii) ବନଲତା

(iii) ଜଳଦ

(iv) ନିର୍ଝରିଣୀ

(ଘ) ଭାରତରେ ସାମାଜିକ ନ୍ୟାୟର ସ୍ୱରୂପ କିପରି ?

(i) ଲଂକାରେ ହରି ଶବ୍ଦ ପରି

(ii) ଢୋଲ ଭିତରେ ମୂଷା ପରି

(iii) ବାପରାଣ ଢିଙ୍କି ଗିଲ୍ ପରି

(iv) ଉଷୁନା ଧାନ ଗଜା ହେଲାପରି

(ଙ) ଭାରତବର୍ଷରେ ସବୁକଥା କେଉଁମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ?

(i) ବିଶେଷଜ୍ଞଙ୍କ ଦ୍ୱାରା

(ii) ଗବେଷକଙ୍କ ଦ୍ୱରା

(iii) ଶାସକଙ୍କ ଦ୍ୱାରା

(iv) ଧନିକଙ୍କ ଦ୍ୱାରା

୨. ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଗୋଟିଏ** ଲେଖାଏଁ ବାକ୍ୟରେ ଦିଅ : ୧×୩ = ୩

(କ) ଚଳିତ ଶିକ୍ଷା ପଦ୍ଧତିରେ ଛାତ୍ରମାନଙ୍କର କ'ଣ ନିର୍ଦ୍ଧାରଣ କରିବା ଭାରି କଷ୍ଟ ?

(ଖ) ଯେଉଁ ଦେଶର ଜନତା ନିଜ ଅଧିକାର ତଥା କର୍ତ୍ତବ୍ୟ ସଂପର୍କରେ ଅଜ୍ଞ ସେଠାରେ କ'ଣ ବିଶେଷଭାବେ କାମକରେ ?

(ଗ) ଅଳକାପୁରୀରେ ଥିବା ପ୍ରିୟା ପାଖକୁ କିଏ ଉଦନ୍ତ ପଠାଇଥିଲେ ।

(ଘ) କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମର ହୃତକମ୍ପ ଜାତ-ହୁଏ ?

୩. ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକର ଉତ୍ତର **ଦୁଇଟି** ବାକ୍ୟରେ ଲେଖ : ୨×୨ = ୪

(କ) ଯେଉଁ ପ୍ରତିନିଧିଙ୍କୁ ତରାଜୁ ଧରିବାର ସୁବିଧା ମିଳୁନି ସେମାନେ କ'ଣ କରୁଛନ୍ତି ?

(ଖ) ଲେଖକ କ'ଣ ହୋଇ ଜଳଦ ସଙ୍ଗେ ମିଶିବାକୁ ଇଚ୍ଛା କରନ୍ତି ?

(ଗ) କେଉଁଠି ଦେଶ ଓ କାଳର ଦୂରତ୍ୱ ବିନିଷ୍ଟ ହୋଇଯାଏ ?

୪. ଲେଖା ଓ ଲେଖକଙ୍କର ନାମୋଲ୍ଲେଖ ସହ **୩୦**ଟି ଶବ୍ଦରେ ଉତ୍ତର ଦିଅ : ୩

ବ୍ୟକ୍ତି ଓ ସମାଜ ଜୀବନ କିପରି ଉନ୍ନତତର ଅବସ୍ଥାକୁ ନୀତ ହୁଏ ?

**ଅଥବା**

ଗଣଙ୍କ ଦ୍ୱାରା ଶାସନର ଅର୍ଥ କ'ଣ ବୋଲି ଲେଖକ କହିଛନ୍ତି ?

୫. ପ୍ରାୟ **୧୫୦**ଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ : ୫

ଶିକ୍ଷାକୁ ଶେଷ ସ୍ଥାନ ନଦେଇ ଶୀର୍ଷ ସ୍ଥାନ ଦେବା ଯୁକ୍ତିର ଯଥାର୍ଥତା ବିଚାର କର ।

**ଅଥବା**

ପଠିତ ପ୍ରବନ୍ଧରେ ପ୍ରାବଂଧିକ ଉତ୍କଳର କିପରି ସ୍ମୃତି ରୋମନ୍ଥନ କରିଛନ୍ତି, ଆଲୋଚନା କର ।

୬. ପ୍ରତ୍ୟେକ ପ୍ରଶ୍ନର **ଚାରୋଟି** ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୫ = ୫

(କ) ଅମୃତ ପିଇ ଆସିଥିଲି ଏଥି ହାୟରେ କରିଲି କିସ ? — କିଏ ଏପରି ଅନୁତାପ କରିଛନ୍ତି ?

(i) ଅମ୍ବାପାଲି

(ii) ଲକ୍ଷ୍ୟହୀରା

(iii) ପିଙ୍ଗଳା

(iv) ମଧୁମତ୍ତା

(ଖ) ଜାଣିଛନ୍ତି ଜନନୀର ହୃଦୟ କନ୍ଦାଇ – କିଏ ?

(i) ରାମଚନ୍ଦ୍ର

(ii) ଭରତ

(iii) ଲକ୍ଷ୍ମଣ

(iv) ଲବକୁଶ

(ଗ) ଆଚମ୍ବିତେ ଆସି କିଏ ହାବୋଡ଼ି ଯିବ ?

(i) ଶୃଗାଳ

(ii) କାଳ

(iii) ଶ୍ୱାନ

(iv) ଶକୁନ

(ଘ) ବନ୍ଦୀ କ'ଣ ଦେଖିବାକୁ ଇଚ୍ଛା କରି ଦ୍ୱାର ବନ୍ଦ ନକରିବାକୁ ସିପାହୀଙ୍କୁ ଅନୁରୋଧ କରିଛନ୍ତି ?

(i) ପ୍ରଣୟ ପ୍ରଭାବ

(ii) ପ୍ରଣୟ ବିଷ

(iii) ବିରହ ବିଷ

(iv) ଅନୁରାଗର ରଂଗ

(ଙ) କବି ମନୁଷ୍ୟ ପୁତ୍ରକୁ କିପରି ପ୍ରତିଶୋଧ ନେବାକୁ କହିଛନ୍ତି ?

(i) ଶ୍ୱେନପରି

(ii) ସିଂହପର

(iii) ବ୍ୟାଘ୍ରପରି

(iv) ଶ୍ୱାନପରି

୭. ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଗୋଟିଏ** ଲେଖାଏଁ ବାକ୍ୟରେ ଦିଅ : ୧ ×୩ = ୩

(କ) 'ବଡପଣ' କବିତା ରାଧାନାଥଙ୍କ କେଉଁ କାବ୍ୟରୁ ଆସିଛି ?

(ଖ) ସୂର୍ଯ୍ୟଙ୍କର ହସରେ କ'ଣ ପ୍ରକଟିତ ହେଉଥିଲା ?

(ଗ) 'ପିଙ୍ଗଳାର ଅଭିସାର' କବିତାର କବି କିଏ ?

(ଘ) ଦୀନ ଭିଖାରିଣୀ ବୋଲି କିଏ ନିଜକୁ କହିଛନ୍ତି ?

୮. ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକର ଉତ୍ତର **ଦୁଇଟି** ବାକ୍ୟରେ ଲେଖ : ୨ × ୨ = ୪

(କ) ପ୍ରଣୟର କି ବିଚିତ୍ର ବିଧାନ ଗୋପବଂଧୁ ଉପଲବ୍ଧି କରିଛନ୍ତି ?

(ଖ) ପିଙ୍ଗଳାର ଚେତନା ଜାଗ୍ରତ ହେଲାପରେ ସେ କ'ଣ ଲୋଡ଼ା ନାହିଁ ବୋଲି କହିଛି ?

(ଗ) ସଂସାର ସମୁଦ୍ରକୁ ପାର ହେବାପାଇଁ କେଉଁ ପୋତର ଆଶ୍ରୟ ଶ୍ରେୟସ୍କର ?

୯. ଲେଖା ଓ ଲେଖକଙ୍କର ନାମୋଲ୍ଲେଖ ସହ **୩୦**ଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ : ୩

ଧନ ଅର୍ଜନ ଓ ତା'ର ସୁବ୍ୟୟ କିପରି ହୋଇପାରିବ ବୋଲି କବି କହିଛନ୍ତି ?

**ଅଥବା**

କବି କାହିଁକି ମନୁଷ୍ୟ ପୁତ୍ରକୁ ଦଗ୍ଧ ହେବା ପାଇଁ କହିଛନ୍ତି ?

୧୦. ପ୍ରାୟ **୧୫୦ଟି** ଶବ୍ଦ ମଧ୍ୟରେ ଉତ୍ତର ଦିଅ : ୫

'ବନ୍ଦୀର ବିରହ ବ୍ୟଥା' ଅନୁସରଣରେ ଗୋପବନ୍ଧୁଙ୍କ ପ୍ରକୃତି ପ୍ରୀତିର ପରିଚୟ ଦିଅ ।

**ଅଥବା**

'ତପସ୍ୱିନୀର ପତ୍ର' କବିତାରୁ ସୀତାଙ୍କ ଚାରିତ୍ରିକ ମହତ୍ତ୍ୱର ସୂଚନା ଦିଅ ।

୧୧. ପ୍ରତ୍ୟେକ ପ୍ରଶ୍ନର **ଚାରୋଟି** ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧ × ୫ = ୫

(କ) କଚ୍ଛପଟି ଆଖିବୁଜି କେଉଁଠାରେ ଭଳିକି ଭଳି ଅଜବ ଦୃଶ୍ୟ ଦେଖେ ?

(i) ବିମୁଗ୍ଧ କଳ୍ପ ଲୋକରେ

(ii) ବର୍ଷଣମୁଖର ସଂଧ୍ୟାକାଶରେ

(iii) ସ୍ୱଚ୍ଛ ସରୋବରରେ

(iv) ସପ୍ତରଂଗୀ ଇନ୍ଦ୍ରଧନୁରେ

(ଖ) ଗଙ୍ଗାଲାଭ କହିଲେ କ'ଣ ?

(i) ପୁଣ୍ୟ ଲାଭ

(ii) ଜନ୍ମ ଲାଭ

(iii) ମୃତ୍ୟୁ ଲାଭ

(iv) ସ୍ନାନ

(ଗ) କେଉଁ ବିପ୍ଳବ ପରେ ଭାରତୀୟ ଜାତୀୟ ଆନ୍ଦୋଳନରେ ଏକ ନୂଆ ସ୍ପନ୍ଦନ ଦେଖାଦେଇଥିଲା ?

(i) ଜାଲିଆନାୱାଲାବାଗ୍

(ii) ଚଉରିଚଉରା

(iii) ୱାର୍ଦ୍ଧା

(iv) ସାବରମତୀ

(ଘ) ମାଷ୍ଟରଜୀଙ୍କ ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଦ୍‌ଜୀବିତ କରି କିଏ ନିଜକୁ ପ୍ରକାଶ କରୁଥିଲା ?

(i) ବିବେକ

(ii) ବିଚାର

(iii) ଜ୍ଞାନ

(iv) ସତ୍ୟ

(ଙ) କଲିକତାକୁ ଠିକ୍ କେଉଁ ଖଣି ବୋଲି କୁହାଯାଇଛି ?

(i) ହରିଲୁଟ ଖଣି

(ii) ଚୋରା ଖଣି

(iii) ତଣ୍ଟିକଟା ଖଣି

(iv) ଗଣ୍ଠିକଟା ଖଣି

୧୨. ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଗୋଟିଏ** ଲେଖାଏଁ ବାକ୍ୟରେ ଦିଅ : ୧×୩ = ୩

(କ) କେଉଁ ଘଟଣାରେ ମାଷ୍ଟରଜୀଙ୍କ ଗୋଟାଏ ବଡ଼ ସମାଧାନ ହୋଇଗଲା ?

(ଖ) କଚ୍ଛପଟି କାହିଁକି ନିଜ ଭାଗ୍ୟକୁ ଧିକ୍କାର ଦେଇଥାଏ ?

(ଗ) 'ବନ୍ଦେ ମାତରମ୍'ର ପରବର୍ତ୍ତୀ ପଦଟି କ'ଣ ?

(ଘ) କଲକତାରେ କେତେବେଳେ ତୋପ ପଡେ ବୋଲି କୁହାଯାଇଛି ?

୧୩. ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକର ଉତ୍ତର **ଦୁଇଟି** ଲେଖାଏଁ ବାକ୍ୟରେ ଲେଖ : ୨×୨ = ୪

(କ) ଗୋପାଳବାବୁ ଶାମପୁର ଗାଁ ଲୋକ ଓ ଗ୍ରାମପିଲାଙ୍କର କି ଉପକାର କରିଥିଲେ ?

(ଖ) 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନି ମହାପାତ୍ରଙ୍କୁ କିପରି ବିଚଳିତ କରିଥିଲା ?

(ଗ) କିନ୍ତୁ ମୁଁ କ'ଣ ଜାଣିଥିଲି ଏଇ କାହାଣୀ ? — ଅଶୋକ କେଉଁ କାହାଣୀ ବିଷୟ କହିଛନ୍ତି ?

୧୪. ଲେଖା ଓ ଲେଖକଙ୍କର ନାମୋଲ୍ଲେଖ ସହ **୩୦**ଟି ଶବ୍ଦରେ ଉତ୍ତର ଦିଅ : ୩

ମହାକାଶରେ କଚ୍ଛପ ଉଡ଼ି ଚାଲିଥିବାର ଦେଖି ପକ୍ଷୀମାନେ କି କି ପ୍ରତିକ୍ରିୟା ପ୍ରକାଶ କରିଥିଲେ ?

**ଅଥବା**

କେଉଁ କଥା କଲିକତାରେ ସବୁ ଗଦିର ଦସ୍ତୁର ବୋଲି କୁହାଯାଇଛି ?

୧୫. ପ୍ରାୟ **୧୫୦ଟି** ଶବ୍ଦ ମଧ୍ୟରେ ଉତ୍ତର ଦିଅ : ୫

ପତାକା ଉତ୍ତୋଳନ ଗଳ୍ପରୁ ରାୟବାହାଦୁରଙ୍କ ଚରିତ୍ର ଚିତ୍ରଣ କର ।

**ଅଥବା**

ପଠିତ ଗଳ୍ପରୁ ମାଷ୍ଟର୍‌ଜୀଙ୍କ ଜୀବନର କ୍ଷୁଦ୍ର ଇତିହାସ ସଂପର୍କରେ ସୂଚନା ଦିଅ ।

୧୬. ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ତା'ର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

ଚଳମାନତା ହିଁ ଜୀବନ । ପରିବର୍ତ୍ତନ ତାର ଧର୍ମ । ସେ ବଢୁ ବା କମୁ, ତାର ଗତି ଦ୍ରୁତ ହେଉ କି ମନ୍ଥର, ତାହାରି ମାଧ୍ୟମରେ ହିଁ ସେ ନିଜ ଜୀବତ୍ୱକୁ ପ୍ରତିଷ୍ଠା ଦିଏ । ଜୀବନର ଏ ସାର୍ବିକ ରୂପର କଥା ବାଦ ଦେଇ ବ୍ୟକ୍ତି ସ୍ତରକୁ ଆସିଲେ ଆମେ ଦେଖିବା ଡାକ୍ତର ଆଉ ପୂର୍ବଭଳି ସେବା ଭାବରେ ଉଦ୍‌ବୁଦ୍ଧ ହୋଇ ରହିନାହିଁ, ଅଧ୍ୟାପକ ଜ୍ଞାନ ଓ ଆଦର୍ଶର ଦିଗବାରେଣୀ ହୋଇ ରହିନାହିଁ, ଇଂଜିନିୟର ନବ ନିର୍ମାଣର ସ୍ୱପ୍ନଦ୍ରଷ୍ଟା ହୋଇ ରହିନାହିଁ, ରାଜନେତା ପୂର୍ବଭଳି ଦେଶପ୍ରାଣ ଓ ନିଃସ୍ୱାର୍ଥପର ହୋଇ ରହିନାହିଁ, ଛାତ୍ର ବିନୀତ ଜିଜ୍ଞାସୁ ହୋଇ

ରହିନାହିଁ ; ଶିକ୍ଷା ଜ୍ଞାନର ଉପାସନା ହୋଇ ରହିନାହିଁ, ଏପରିକି ଧର୍ମ ମୁକ୍ତି ମାର୍ଗର ପ୍ରଦର୍ଶକ ହୋଇ ରହିନାହିଁ । ପରିବର୍ତ୍ତନର ଏ ବିପୁଳାୟତନ ଭିତରେ ଗ୍ରାମ ଜୀବନ ପୂର୍ବଭଳି ଅତୁଟ ରହିଥାଆନ୍ତା, ଏପରି ଭାବନା ଅବାସ୍ତବ ଓ ଅସ୍ୱାଭାବିକ । ପରିବର୍ତ୍ତନର ପର୍ଯ୍ୟାବରଣରେ ଗ୍ରାମଜୀବନ ପ୍ରଭାବିତ ହେବା ଏକ ସ୍ୱାଭାବିକ ପରିଣତି ।

ଏ କଥା କହିଲାବେଳେ ସାଂପ୍ରତିକ ଗ୍ରାମଜୀବନର ପରିଣତି ସହିତ ଔଚିତ୍ୟକୁ ସଂଶ୍ଳିଷ୍ଟ କରାଯାଉନାହିଁ । ନିଜସ୍ୱ ଧାରାରେ ପରିବର୍ତ୍ତନ ଘଟିଲେ ସେଥିରେ ସ୍ୱାଭାବିକତା ଯେପରି ଫୁଟନ୍ତା, ଔଚିତ୍ୟ ସେହିପରି ବିକଶନ୍ତା ; ମାତ୍ର ଗ୍ରାମ ଜୀବନର ଧାରାରେ ସହରୀଜୀବନର ପରିବର୍ତ୍ତନ ଧାରା ସମ୍ମିଶ୍ରିତ ହେଉଥିବାରୁ ସେଥିରେ ନା ଗ୍ରାମକୁ ନା ସହରକୁ ଠାବ କରି ହେଉଛି । ସହରକୁ ନିଜର ଆଦର୍ଶଭାବେ ଗ୍ରହଣ କଲାଦିନୁ ଗ୍ରାମ ଅଣନିଃଶ୍ୱାସୀ ହୋଇ ସହରରେ ପରିଣତ ହେବାକୁ ଧାଇଁଛି । ଫଳରେ ଗ୍ରାମର ବାତାବରଣ କ୍ରମଶଃ ସହରୀ ହେବାର ଲାଗିଛି । ଆମର ସୌଭାଗ୍ୟ ଗ୍ରାମ ଜୀବନର ଚନ୍ଦ୍ର ଏବେ ସୁଦ୍ଧା ସହରୀ ରାହୁର ପୂର୍ଣ୍ଣଗ୍ରାସରେ ପଡିନାହିଁ । ଚନ୍ଦ୍ରର ଆହୁରି କିଛି ଅଂଶ ସେଇ ଅନ୍ଧାରର ବଳୟ ବାହାରେ ରହି କେବଳ ଆଲୋକ ବିତରଣ କରୁନାହିଁ, ସ୍ନିଗ୍ଧ ଶୀତଳତାରେ ପ୍ରାଣକୁ ଆଚ୍ଛନ୍ନ କରିରଖିଛି । ଏଇ ଚନ୍ଦ୍ରମା ହୁଏତ ଆତ୍ମୀୟତାର, ସମର୍ପଣର, ଐକାନ୍ତିକତାର ଓ ନିଜସ୍ୱ ଏକ ଗରିମାର ଯାହାର ପଟାନ୍ତର ଅନ୍ୟତ୍ର ଦୁର୍ଲଭ ।

**ପ୍ରଶ୍ନାବଳୀ :**

(କ) ଗୋଟିଏ ବାକ୍ୟରେ ଉତ୍ତର ଦିଅ : ୧×୪ = ୪

(i) ଜୀବନର ଧର୍ମ କ'ଣ ?

(ii) ପୂର୍ବେ ଶିକ୍ଷା କ'ଣ ଥିଲା ?

(iii) କିଏ ସହରୀ ରାହୁର ପୂର୍ଣ୍ଣଗ୍ରାସରେ ପଡ଼ିନାହିଁ ?

(iv) କାହାକୁ ଗ୍ରାମ ଜୀବନର ସ୍ୱାଭାବିକ ପରିଣତି ବୋଲି କୁହାଯାଇଛି ?

(ଖ) **ଦୁଇଟି** ଲେଖାଏଁ ବାକ୍ୟରେ ଉତ୍ତର ଦିଅ : ୨×୩ = ୬

(i) ଗ୍ରାମ ଜୀବନ ସହିତ ଔଚିତ୍ୟକୁ କାହିଁକି ସଂଶ୍ଳିଷ୍ଟ କରାଯାଇ-ପାରୁନାହିଁ ?

(ii) ଛାତ୍ର, ନେତା, ଶିକ୍ଷା ଓ ଧର୍ମ କିପରି ପରିବର୍ତ୍ତିତ ହୋଇଛନ୍ତି ?

(iii) ଗ୍ରାମ ଜୀବନର ଚନ୍ଦ୍ରମାର ସ୍ୱରୂପ ଦର୍ଶାଅ ।

୧୭. ନିମ୍ନୋକ୍ତ କବିତାଟିର ଶେଷରେ ଥିବା **ପାଞ୍ଚଟି**ଯାକ ପ୍ରଶ୍ନର ଉତ୍ତର **ଗୋଟିଏ** ଲେଖାଏଁ ବାକ୍ୟରେ ଦିଅ :

**ବର୍ଷା**

କ୍ଷଣେ ନିବିଡ଼ତମ ଗ୍ରାସଇ ଧରା
କ୍ଷଣେ ଉପୁଜେ ପୁଣି ପ୍ରଚଣ୍ଡ ଖରା
କୁସଙ୍ଗ ଏହିପରି ସୁଜ୍ଞାନ ନାଶେ
ସୁସଙ୍ଗ ଏହିପରି ଜ୍ଞାନ ପ୍ରକାଶେ ।

ଦେଶ ମଳିନ ହୋଇ ଆଶ୍ରମ ସର
ନ ବହେ ହୃଦେ ଛବି ତୀର ବନର
ମତିକି କଳୁଷିତ କଲେ ଯେସନେ
ଅକ୍ଷମ ଜନେ ପର ଗୁଣ ଗ୍ରହଣେ ।

ଦେଖ ଦେଖ ଅଗ୍ରତେ ସରସୀ ଜଳେ
ପଡ଼ି ମଣ୍ଡୁକ କ୍ରୂର ଅହି କବଳେ
ବିକଳେ ରାବୁଁ ରାବୁଁ, ଉର୍ଦ୍ଧ୍ୱେ ଉଡ୍ଡୀନ
ଉହୁଙ୍କି ଶିଶୁ କଙ୍କି ଦେଲା ଗିଳିଣ ।

କାଳ କବଳେ ସିନା ଏ ରୂପେ ଭାଇ
ଆରତେ ନର ଘାରି ହେଉଣ ଥାଇ
ତେବେହେଁ ମନାସଇ ଲଭିଏ ଦଶା
ମେଣ୍ଟାଇବାକୁ ଭବ ଭୋଗ ଲାଳସା

ବରଷା କାଳ ଅଟେ ଉଦ୍ଭିଦ ମିତ୍ର
ମାତ୍ର ପଙ୍କଜ ମଲା, ନୋହେ ବିଚିତ୍ର
ଜଳ ଗହଳ ହେଲା ତା ପକ୍ଷେ ଯମ
ଅତି ସମ୍ପଦ, ବାବୁ, ମହା ବିଷମ ।

**ପ୍ରଶ୍ନାବଳୀ :** ୧×୫ = ୫

(କ) କୁସଙ୍ଗ କିପରି ସୁଜ୍ଞାନ ନାଶକରେ ?

(ଖ) ପର ଗୁଣ ଗ୍ରହଣ କରିବା ପାଇଁ ଲୋକେ କାହିଁକି ଅକ୍ଷମ ହୁଅନ୍ତି ?

(ଗ) ମଣ୍ଡୁକଟି କାହିଁକି ବିକଳରେ ରାବୁଛି ?

(ଘ) କେଉଁ ଦଶା ଲଭିବା ସତ୍ତ୍ୱେ ମନୁଷ୍ୟ ଭବ ଭୋଗ ଲାଳସା ଛାଡ଼ିପାରେ ନାହିଁ ?

(ଙ) ପଙ୍କଜର ମୃତ୍ୟୁର କାରଣ କ'ଣ ?

୧୮. ଯେକୌଣସି **ଗୋଟିଏ** ସୂକ୍ତିର ଆଧାରରେ ସର୍ଜନାତ୍ମକ ଲିଖନ ପ୍ରସ୍ତୁତ କର : ୫

(କ) ଅତି ଲେମ୍ବୁ ଚିପୁଡ଼ିଲେ ପିତା

(ଖ) ବାହାଘର ବେଳେ ବାଇଗଣ ରୁଆ

(ଗ) ଅନେକ ସଂଗ ଯହିଁ ମିଳି, ଅବଶ୍ୟ ଉପୁଜଇ କଳି

୧୯. ନିଜର ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କର । ୫

**ଅଥବା**

ରାସ୍ତା ଅବରୋଧର ଅସୁବିଧା ଦର୍ଶାଇ କୌଣସି ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ ।

୨୦. ପ୍ରଦତ୍ତ ଅନୁଚ୍ଛେଦକୁ ଏକ ତୃତୀୟାଂଶରେ ପ୍ରକାଶ କର : ୫

ଭକ୍ତ ଓ ଜ୍ଞାନୀ ଉଭୟ ପରମାତ୍ମାଙ୍କ ପାଖରେ ପହଞ୍ଚନ୍ତି । ଭକ୍ତ ଭକ୍ତିମାର୍ଗରେ ସେଠାରେ ପହଞ୍ଚେ, ଏବଂ ଜ୍ଞାନୀ ଜ୍ଞାନମାର୍ଗରେ ସେଠାରେ ପହଞ୍ଚେ । ଭକ୍ତ ପାଇଁ ଭକ୍ତିମାର୍ଗରେ ଗୋଟିଏ ସୁବିଧା ଅଛି । ପ୍ରଥମ ପାଦରେ ହିଁ ସେ ବିଲୋପ ହେବାରେ ଲାଗେ । କାରଣ ପ୍ରଥମ ପାଦରୁ ହିଁ ତାକୁ ବିଲୋପ ହେବା ଦରକାର ପଡ଼େ । ଏହାକୁ ସୁବିଧା ବଦଳରେ ଅନିବାର୍ଯ୍ୟତା କହିବା ଉଚିତ୍ । କିନ୍ତୁ ଜ୍ଞାନୀ ପାଇଁ ଏପରି ଅନିବାର୍ଯ୍ୟତା ନାହିଁ । ଭକ୍ତ ଅହଂକାର ରୋଗ ସହିତ ପାଦେ ବି ଆଗେଇ ପାରେ ନାହିଁ ; ଯଦିଓ ଜ୍ଞାନୀ ସହିତ ଏହି ରୋଗ ରହିପାରେ । ଜ୍ଞାନ ହେବା ପରେ ଅବଶ୍ୟ ଅହଂକାର ରୂପୀ ରୋଗ

ଛାଡ଼ିଯାଏ ; କିନ୍ତୁ ଭକ୍ତ ପଥରେ ଏହାକୁ ପ୍ରବେଶ ଦ୍ୱାରରେ ହିଁ ଛାଡ଼ିବାକୁ ପଡ଼େ । ଭକ୍ତର ଉଦ୍ଧାର ଶୀଘ୍ର ହୋଇଥାଏ । ଜ୍ଞାନୀର ମଧ୍ୟ ଉଦ୍ଧାର ହୋଇଥାଏ କିନ୍ତୁ ତା ପାଇଁ ଟିକେ ସମୟଲାଗେ । ଘଟଣା ଶେଷରେ ଘଟେ ।

ଭକ୍ତର, ତା ନିଜର ଭକ୍ତିର ନିଜସ୍ୱ ଏକ ଦୃଷ୍ଟିକୋଣ ଅଛି । ଭକ୍ତ ତା ନିଜର କର୍ମକୁ ତାର ପରମପ୍ରିୟ ଭଗବାନଙ୍କଠାରେ ଅର୍ପଣ କରିଦିଅ । ସେ କହେ, ବର୍ତ୍ତମାନ ମୁଁ କରୁନାହିଁ, ବର୍ତ୍ତମାନ ମୁଁ କିଛି ବି ଚିନ୍ତା କରୁନାହିଁ, ବର୍ତ୍ତମାନ ମୁଁ କିଛି ବି ଜାଣୁନାହିଁ, ତୁ ହିଁ କରୁଛୁ, ତୁହିଁ ଭାବୁଛୁ, ତୁ ହିଁ ଜାଣୁଛୁ । ସେ ଭଲ ଖରାପର ଭାବ ବି ତ୍ୟାଗ କରିଦିଏ । କୌଣସି ଭାବ ରଖେ ନାହିଁ । ସେ ନିଜକୁ ତାଙ୍କ ଜିମାରେ ଛାଡ଼ି ଦିଏ । ନିଜର ସର୍ବସ୍ୱ ତାଙ୍କଠାରେ ଅର୍ପଣ କରିଦିଏ । ସେ ନିଜ ପାଖରେ କିଛି ବି ରଖେ ନାହିଁ । ତା ପାଖରେ ଯାହା କିଛି ବି ଥାଏ ସେ ସବୁକୁ ନିଜର ପରମ ପ୍ରିୟଙ୍କୁ ସମର୍ପଣ କରି କହେ, ‘‘ଯାହା ତୋର ଇଚ୍ଛା’’ । ବର୍ତ୍ତମାନ ଠାରୁ ମୋର କୌଣସି ଇଚ୍ଛା ନାହିଁ । ତୁ ଯେପରି ଚାହିଁବୁ ତାହା ହିଁ ହେବ, ତୁ ଯେପରି ଚଳାଇବୁ ସେପରି ଚାଲିବ । ତୋର ଯେପରି ଭାବନା ସେହି ଭାବନା ଶିରୋଧାର୍ଯ୍ୟ । ଏବେ ତୁ ହିଁ ତ ଅଛୁ, ମୁଁ ନାହିଁ ।

ଭକ୍ତିତ ଭକ୍ତର କ୍ରନ୍ଦନ । ଭକ୍ତର ହୃଦୟରୁ ଉଠୁଥିବା ଦୀର୍ଘ ନିଶ୍ୱାସ । ଭକ୍ତି ଅନେକଟା ଏହିପରି ଯେ, ଛୋଟ ପିଲାଟିଏ ଡାକେ, କାନ୍ଦେ ତ ମା ଦଉଡ଼ି ଆସେ ଏବଂ ପିଲା ଯେତେବେଳେ କାନ୍ଦେ ନିଜର ସମଗ୍ର ଅସ୍ତିତ୍ୱର ସହିତ କାନ୍ଦେ । ତା କାନ୍ଦିବାରେ ତାର ସମଗ୍ର

ଅଙ୍ଗ ପ୍ରତ୍ୟଙ୍ଗ ସାମିଲ ହୋଇଯାଏ, ପ୍ରତ୍ୟେକଟି ଅଂଶ କାନ୍ଦେ । ପିଲା କାନ୍ଦେ ତ ତାର ହୃଦୟ ଧକ୍‌ଧକ୍ କରେ, ସେ ହୃଦୟର ଗଭୀରତାରୁ କାନ୍ଦେ ଏବଂ ସେହି କ୍ରନ୍ଦନରେ କିଛି ବି ବାକି ରହିଯାଏ ନାହିଁ । ପିଲାର ସମଗ୍ର ଅସ୍ତିତ୍ୱ କାନ୍ଦିଲେ ମା' ଛଟପଟ ହୁଏ ଏବଂ ସେ ଯେଉଁଠି ଥିଲେ ବି, ଯେଉଁ ଅବସ୍ଥାରେ ଥିଲେ ବି ସେଠାରୁ ସିଧା ନିଜର ପିଲା ପାଖକୁ ଦଉଡ଼ି ଆସେ । ଏହା ହିଁ ତ ଭକ୍ତର ଭକ୍ତି ।

୨୧. (କ) ଯେକୌଣସି **ଦୁଇଟିର** ଭ୍ରମ ସଂଶୋଧନ କର : ୨

(i) ଜାତାୟତ

(ii) ଇପ୍‌ସା

(iii) ଅନୂସୁୟା

(iv) ପ୍ରାୟଶ୍ଚୀତ

(ଖ) ଯେକୌଣସି **ଦୁଇଟିର** ବିପରୀତାର୍ଥବୋଧକ ଶବ୍ଦ ଲେଖ : ୨

(i) ଲୋଭୀ

(ii) ଐହିକ

(iii) ଅନାବାଦୀ

(iv) ପାଣିଆ

(ଗ) ଯେକୌଣସି **ଦୁଇଟି** କୁ ଏକପଦରେ ପ୍ରକାଶ କର : ୨

(i) ଯାହା ନିବାରଣ କରିବା ସମ୍ଭବ ନୁହେଁ

(ii) ଯେଉଁ ସ୍ଥାନକୁ ସହଜରେ ଗମନ କରିହୁଏ ନାହିଁ

(iii) ପଛରେ ଜନ୍ମ ନେଇଛି ଯେଉଁ ପୁଅ

(iv) ସହିବା ସ୍ୱଭାବ ଯାହାର

(ଘ) ଯେକୌଣସି **ଦୁଇଯୋଡ଼ା** ସମୋଚ୍ଚାରିତ ଶବ୍ଦର ଅର୍ଥ ପାର୍ଥକ୍ୟ ଦର୍ଶାଅ : ୨

(i) ଆୟତ : ଆୟତ୍ତ

(ii) ଚିର : ଚୀର

(iii) ଶମ : ସମ

(iv) ଗିରିଶ : ଗିରୀଶ

(ଙ) ଯେକୌଣସି **ଦୁଇଟି** ରୂଢ଼ି କୁ ବାକ୍ୟରେ ପ୍ରୟୋଗ କର : ୨

(i) ତିଳକୁ ତାଳ କରିବା

(ii) ନାକଟେକିବା

(iii) ମୁହଁ ଦେବା

(iv) ଉତ୍ତମ ମଧ୍ୟମ

❖